ଓଡିଶା ସରକାର

ସ୍ୱାସ୍ଥ୍ୟ ଓ ପିବାର କଲ୍ୟାଣ ବିଭାଗ.

.......

## ଲାଇଲା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ସତର୍କ - ସ୍ୱାସ୍ଥ୍ୟ ସେବା ବଜାୟ ରଖିବା ସହିତ ତୁରନ୍ତ ସ୍ୱାସ୍ଥ୍ୟ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ମଇ ୧୯,୨୦୧୦

ଦକ୍ଷିଣ-ପୂର୍ବ ବଙ୍ଗୋପ ସାଗରରେ ସୃଷ୍ଟି ଲଘୁଚାପ ଘନୀଭୂତ ହୋଇ ସାମୁଦ୍ରିକ ଝଡର ରୂପ ନେଉଛି । ଏହାର ପ୍ରଭାବରେ ଓଡିଶାରେ ମଧ୍ୟ ବାତ୍ୟାର ଆଶଙ୍କା ଦେଖା ଦେଇଛି । ଆସନ୍ତା ୨୧ ତାରିଖ ମଧ୍ୟାହ୍ନରୁ ଓଡିଶାର ଉପକୂଳବର୍ତ୍ତୀ ଏବଂ ଦକ୍ଷିଣାଞ୍ଚଳ ଜିଲ୍ଲା ମାନଙ୍କରେ ବର୍ଷା ଓ ଝଡ ତୋଫାନର ସମ୍ଭାବନା ଅଛି । ଏହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଆଜି ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅନୁ ଗର୍ଗ ସମ୍ଭାବ୍ୟ ପରିସ୍ଥିତି ସଂପର୍କରେ ସମୀକ୍ଷା କରିଛନ୍ତି । ଲାଇଲାର ପ୍ରଭାବରେ ରାଜ୍ୟର ଉପକୂଳବର୍ତ୍ତୀ ତଥା ଦକ୍ଷିଣାଞ୍ଚଳ ଜିଲ୍ଲା ଗୁଡିକ ବିଶେଷ ଭାବେ ପ୍ରଭାବିତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇ ଥିବାରୁ ସେହି ସମସ୍ତ ଜିଲ୍ଲାମାନଙ୍କରେ ସ୍ୱାସ୍ଥ୍ୟ ସେବା ବଜାୟ ରଖିବା ସହିତ ତୁରନ୍ତ ସ୍ୱାସ୍ଥ୍ୟ ସହାୟତା ଯୋଗାଇ ଦେବା ପାଇଁ ମୁଖ୍ୟ ଚିକିତ୍ସା ଅଧିକାରୀମାନେ ସତର୍କ ତଥା ପ୍ରସ୍ତୁତ ରହିବାକୁ କୁହାଯାଇଛି । ଆଶା କର୍ମୀଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ବିଭାଗର ସମସ୍ତ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ କୌଣସି ପ୍ରକାର ପିସ୍ଥିତିର ମୁକାବିଲା ପାଇଁ ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଛି । ଯଥେଷ୍ଟ ପରିମାଣର ଆବଶ୍ୟକୀୟ ଔଷଧ ମଧ୍ୟ ମହଜୁଦ ରହିଛି । ଆମ୍ବୁଲାନସ ଏବଂ ଭ୍ରାମ୍ୟମାଣ ଚିକିତ୍ସକ ଦଳ ପ୍ରସ୍ତୁତ କରି ରଖିବାକୁ ମଧ୍ୟ କୁହାଯାଇଛି ।

ଉକ୍ତ ବୈଠକରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଡାଃ ପ୍ରମୋଦ କୁମାର ମେହେର୍ଦ୍ଧା ଏବଂ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡାଃ ଏସ୍.ଏସ୍.କରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଯୋଗ ଦେଇଥିଲେ ।

.........